# NATIONAL NEWS BULLETIN (ODIA)

**19 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ରୁଷ୍‌ରେ ଜରୁରୀକାଳୀନ ଅବତରଣ କରିଥିବା ଏୟାର ଇଣ୍ଡିଆ ବିମାନଯାତ୍ରୀଙ୍କୁ ସହାୟତା ଲାଗି ପହଞ୍ଚିଲେ ଭାରତୀୟ ଦୂତାବାସ ଅଧିକାରୀ ।

- ସଂସଦର ମୌସୁମୀ ଅଧିବେଶନରେ ଆଗତ ହେବ ୬ଟି ନୂଆ ବିଧେୟକ ।

- ବଂଲାଦେଶରେ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ଉପୁଜିଥିବା ହିଂସାତ୍ମକ ପ୍ରଦର୍ଶନରେ ଅଣଚାଳିଶ ମୃତ ।

- ସେଠାରେ ରହୁଥିବା ଭାରତୀୟଙ୍କୁ ସତର୍କ କରାଇଲା ବିଦେଶ ମନ୍ତ୍ରଣାଳୟ

- ଉତ୍ତରପ୍ରଦେଶ ଗୋଣ୍ଡାରେ ଘଟିଥିବା ରେଳ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୪କୁ ବୃଦ୍ଧି ।

ଏବଂ

- ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆଜିଠାରୁ ଆରମ୍ଭ ହେବ ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତା ।

# ଇଣ୍ଡିଆ – ରୁଷ୍ – ଏୟାର ଇଣ୍ଡିଆ

ରୁଷ୍‌ର କ୍ରାଷ୍ଣୋୟାର୍କରେ ଜରୁରୀକାଳୀନ ପରିସ୍ଥିତିରେ ଅବତରଣ କରିଥିବା ଏୟାର ଇଣ୍ଡିଆର ବିମାନ ଯାତ୍ରୀମାନଙ୍କୁ ସହାୟତା ନିମନ୍ତେ ରୁଷ୍‌ରେ ଥିବା ଭାରତୀୟ ଦୂତାବାସର ୩ଜଣ ବରିଷ୍ଠ ଅଧିକାରୀ ଏବଂ ଦ୍ୱିଭାଷୀୟ ଟିମ୍ ପହଞ୍ଚିଛନ୍ତି । ଏୟାର ଇଣ୍ଡିଆର ଏହି ବିମାନ ସାନ୍ ଫ୍ରାନ୍‌ସିସକୋକୁ ଯାଉଥିଲା । ଟିମ୍‌ର ସଦସ୍ୟମାନେ ବିମାନଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିମାନବନ୍ଦର, ସୁରକ୍ଷା ଅଧିକାରୀ ଏବଂ ରୁଷ୍ ବିଦେଶ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରୁଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ଦୂତାବାସ କହିଛି ସେଠାରୁ ଯାତ୍ରୀମାନଙ୍କୁ ଆଣିବା ଲାଗି ଏୟାର ଇଣ୍ଡିଆର ଆଉଏକ ବିମାନ ନ ପହଞ୍ଚିବା ପର୍ଯ୍ୟନ୍ତ ଏହି ବିମାନର ଯାତ୍ରୀମାନେ ବିମାନ ବନ୍ଦରରେ ଅପେକ୍ଷା କରିବେ ।

---

# ପାର୍ଲାମେଣ୍ଟ ସେସନ୍

ଆସନ୍ତା ସପ୍ତାହରୁ ଆରମ୍ଭ ହେଉଥିବା ସଂସଦର ମୌସୁମୀ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ସଂଶୋଧନ ବିଲ୍ ସମେତ ୬ଟି ନୂଆ ବିଧେୟକ ଆଗତ ହେବ । ଏଥିରେ ଅର୍ଥ ବିଧେୟକ ସମେତ ୧୯୩୪ ମସିହାର ବିମାନ ଅଧିନିୟମ ବଦଳରେ ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ବିଧେୟକ ଗୃହର ମଞ୍ଜୁରି ଲାଗି ଆଗତ କରାଯିବ । ଲୋକସଭା ସଚିବାଳୟ ଦ୍ୱାରା ଜାରି କରାଯାଇଥିବା ବୁଲେଟିନ୍‌ରେ ଆଗତ ହେବାକୁ ଥିବା ବିଧେୟକଗୁଡ଼ିକର ତାଲିକା ପ୍ରକାଶ ପାଇଛି । ଚଳିତ ମାସ ୨୨ରୁ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା

ସଂସଦର ମୌସୁମୀ ଅଧିବେଶନ କାଳରେ ଜୁଲାଇ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସାଧାରଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ।

ଇତିମଧ୍ୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ବିଜିନେସ୍ ଆଡ୍‌ଭାଇଜରୀ କମିଟି ଗଠନ କରାଯାଇଛି । ଏହି କମିଟି ସଂସଦରେ ଆଗତ ହେବାକୁ ଥିବା ବିଧେୟକ ଓ ଅନ୍ୟାନ୍ୟ ପ୍ରସଙ୍ଗ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ କରିବ ।

ଏହି କମିଟିରେ ବି.ଜେ.ପି.ର ପି.ପି. ଚୌଧୁରୀ, ଅନୁରାଗ ସିଂହ ଠାକୁର, ଭର୍ତ୍ତୃହରି ମହତାବ, କଂଗ୍ରେସର ଗୌରବ ଗୋଗୋଇ, କେ. ସୁରେଶ, ଟି.ଡି.ପି.ର ଲାବୁ ଶ୍ରୀ କୃଷ୍ଣ ଦେବରାୟଲୁ, ଟି.ଏମ୍.ସି.ର ସୁଦୀପ ବନ୍ଦୋପାଧ୍ୟାୟ, ଜନତା ଦଳ(ୟୁ)ର ଦିଲେଶ୍ୱର କାମେତ୍, ଡି.ଏମ୍.କେ.ର ଦୟାନିଧି ମାରନ୍, ଶିବସେନ ଉଦ୍ଧବ ଗୋଷ୍ଠୀର ଅରବିନ୍ଦ ସାୱାନ୍ତ ଏବଂ ସମାଜବାଦୀ ପାର୍ଟିର ଲାଲ୍‌ଜୀ ବର୍ମା ସଦସ୍ୟ ଅଛନ୍ତି ।

## ପୁରୀ-ବୈଠକ

ରାଜ୍ୟର ସାଂପ୍ରତିକ, ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଆଜି ପୁରୀରେ ରାଜ୍ୟ ବିଜେପିର ଦୁଇଦିନିଆ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଉଛି । ଆଜି ସକାଳେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ରାଜ୍ୟ ପଦାଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଅପରାହ୍ଣରେ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା କାର୍ଯ୍ୟକାରିଣୀ ବୈଠକକୁ ଉଦ୍‌ଘାଟନ କରିବେ । ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ଏବଂ ରାଜ୍ୟ ସହ ପ୍ରଭାରୀ ଲତା ଉଶେଣ୍ଡି ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ବାଂଲାଦେଶ

ବାଂଲାଦେଶରେ ସରକାରୀ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ଉପୁଜିଥିବା ପ୍ରଦର୍ଶନ ହିଂସାତ୍ମକ ରୂପ ଗ୍ରହଣ କରିଛି । ଇତିମଧ୍ୟରେ ପ୍ରଦଶନକାରୀ ଓ ପୁଲିସ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଅଣଚାଳିଶ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ହିଂସାତ୍ମକ ପ୍ରଦର୍ଶନ ଯୋଗୁଁ ବାଂଲାଦେଶରେ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲର ପ୍ରସାରଣ ବନ୍ଦ ରହିଛି । ସେଠାରେ ଦୂରସଞ୍ଚାର ସେବା ବନ୍ଦ କରିଦିଆଯାଇଥିବା ବେଳେ ଅନେକ ଗୁଡ଼ିଏ ଖବର କାଗଜର ୱେବ୍‌ସାଇଟ୍ ଏବଂ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ କାମ କରୁନାହିଁ । ପ୍ରଦର୍ଶନ ଯୋଗୁଁ ବାଂଲାଦେଶରେ ଅସ୍ଥାୟୀଭାବେ ବୋମାଇଲ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି ।

ଇତିମଧ୍ୟରେ ବାଂଲାଦେଶର ମନ୍ତ୍ରୀ ଅନିସୁଲ ହକ୍ ବିକ୍ଷୋଭକାରୀଙ୍କ ସହ ଆଲୋଚନା ପାଇଁ ଇଚ୍ଛାପ୍ରକାଶ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବାଂଲାଦେଶରେ ରହୁଥିବା ଭାରତୀୟମାନଙ୍କୁ ବିଦେଶ ମନ୍ତ୍ରଣାଳୟ ସତର୍କ କରାଇଛି । ଢାକାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସେଠାରେ ରହୁଥିବା ଭାରତୀୟମାନଙ୍କୁ ସେମାନଙ୍କ ଗତିବିଧି ସୀମିତ କରିବା ଲାଗି ପରାମର୍ଶ ଦେଇଛି । ଆବଶ୍ୟକ ପଡ଼ିଲେ ଦୂତାବାସ ସହ ଯୋଗାଯୋଗ କରିବା ଲାଗି ଜରୁରୀକାଳୀନ ସହାୟତା ନମ୍ବର ଜାରି କରାଯାଇଛି । ସେହି ନମ୍ବରଟି ହେଉଛି - ୮୮୦-୧୯୩୭-୪୦୦-୫୯୧ ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବାଂଲାଦେଶରେ ହିଂସାତ୍ମକ ପରିସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଜାତିସଂଘର ମୁଖପାତ୍ର କହିଛନ୍ତି ଏହି ଘଟଣା ଉପରେ ଜାତିସଂଘ ସତର୍କ ଦୃଷ୍ଟି ରଖିଛି । ବାଂଲାଦେଶର ଅଧିକାରୀମାନଙ୍କୁ ବିକ୍ଷୋଭକାରୀଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଲାଗି ଜାତିସଂଘ ପରାମର୍ଶ ଦେଇଛି ।

---

# ଟ୍ରେନ୍ ଆକ୍ସିଡେଣ୍ଟ ଅପ୍‌ଡେଟ୍

ଉତ୍ତରପ୍ରଦେଶର ଗୋଣ୍ଡାରେ ଘଟିଥିବା ରେଳ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୪କୁ ବୃଦ୍ଧି ପାଇଛି । ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତିଙ୍କର ଲକ୍ଷ୍ନୌ ହସ୍ପିଟାଲରେ ମୃତ୍ୟୁ ହୋଇଥିବାବେଳେ ଓଲଟି ପଡିଥିବା ବଗି ମଧ୍ୟରୁ ଅନ୍ୟଜଣଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି । ଆହତମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦିବ୍ରୁଗଡ ଯାଉଥିବା ଟ୍ରେନ୍‌ର ୨୧ଟି ବଗି ଗତକାଲି ଅପରାହ୍ଣରେ ଟ୍ରାକ୍‌ରୁ ବାହାରି ଯିବା ଫଳରେ ୩୦ଜଣ ଯାତ୍ରୀ ଆହତ ହୋଇଥିଲେ । ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍., ରେଳ ସୁରକ୍ଷା ଡିଭିଜନ୍ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ଇତିମଧ୍ୟରେ ଲକ୍ଷ୍ନୌ-ଗୌହାଟୀ ରେଳମାର୍ଗକୁ ଚଳାଚଳକ୍ଷମ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଚାଲିଛି । ସେହି ବାଟ ଦେଇ ଯିବାକୁଥିବା ଟ୍ରେନ୍‌ଗୁଡ଼ିକ ଅନ୍ୟ ରେଳମାର୍ଗ ନେଇ ଯାତାୟାତ କରୁଛି ।

ସୂଚନା ଅନୁଯାୟୀ, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି । ଗୁରୁତର ଆହତଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଦିଆଯିବ ।

## ପିଏମ୍-ଉର୍ସୁଲା

ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଭାବେ ପୁନର୍ବାର ନିର୍ବାଚିତ ହୋଇଥିବା ଉର୍ସୁଲା ଓ୍ୱାନ୍ ଡେର ଲେନ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱର କଲ୍ୟାଣ ନିମନ୍ତେ ରଣନୈତିକ ସହଯୋଗକୁ ସଶକ୍ତ କରିବା ଲାଗି କାର୍ଯ୍ୟ କରିବା ନିମନ୍ତେ ଉଭୟ ମିଳିତ ଭାବେ କାର୍ଯ୍ୟ କରିପାରିବେ । ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଭାବେ ଦ୍ୱିତୀୟଥର ଲାଗି ଉର୍ସୁଲା ନିର୍ବାଚିତ ହୋଇଛନ୍ତି ।

## ଏନ୍‌ଆଇଏ-ଖଲିସ୍ତାନୀ

ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍‌ଆଇଏ ଖଲିସ୍ତାନୀ ଆତଙ୍କବାଦୀର ମୁଖ୍ୟ ସହଯୋଗୀ ଲଖବୀର ସିଂହ ସାନ୍ଧୁ ଓରଫ୍ ଲାଣ୍ଡାକୁ ଗିରଫ କରିଛି । ପ୍ରମୁଖ ଆତଙ୍କବାଦୀ ସଂସ୍ଥାଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ମାମଲାରେ ଲଖବୀରକୁ ଗିରଫ କରାଯାଇଥିବା ଜଣାପଡିଛି । ଗତକାଲି ଏନ୍‌ଆଇଏ ମଧ୍ୟପ୍ରଦେଶର ବଦଓ୍ୱାନି ଜିଲ୍ଲା ନିବାସୀ ବଲଜୀତ୍ ସିଂହଙ୍କୁ ମଧ୍ୟ ଏହି ଅଭିଯୋଗରେ ଗିରଫ କରିଥିଲା । ଏନ୍‌ଆଇଏ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବଲଜିତ୍ ସିଂହ ଲଖବୀରର ଏଜେଣ୍ଟମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ

ଅନ୍ୟମାନଙ୍କ ଠାରୁ ଅର୍ଥ ଆଦାୟ ଏବଂ ଆତଙ୍କୀ କାର୍ଯ୍ୟକଳାପରେ ବ୍ୟବହୃତ ହେଉଥିଲା । ତଦନ୍ତ ସମୟରେ ଜଣାପଡିଛି ବଲଜିତ ସିଂହ ଖଲିସ୍ତାନୀ ଆତଙ୍କବାଦୀ ସତନାମ ସିଂହ ସତ୍ତାକୁ ମଧ୍ୟ ଅସ୍ତ୍ରଶସ୍ତ୍ର ଯୋଗାଉଥିଲା । ପଞ୍ଜାବ ସମେତ ଦେଶର ବିଭିନ୍ନ ସ୍ଥାନରେ ହିଂସାତ୍ମକ କାର୍ଯ୍ୟକଳାପ ସୃଷ୍ଟି କରିବା ଓ ଆତଙ୍କୀ ସଂଗଠନ ଗୁଡ଼ିକର ସହଯୋଗରେ ବ୍ୟାପକ ଷଡ଼ଯନ୍ତ୍ର କରିବା ଭଳି ଅଭିଯୋଗ ରହିଛି ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମର ଆଗାମୀ ସଂସ୍କରଣ ପାଇଁ ମିଳିଥିବା ପ୍ରସ୍ତାବକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି । ଚଳିତମାସ ୨୮ ତାରିଖରେ ମନ୍ କି ବାତ୍‌ର ଆଗାମୀ ସଂସ୍କରଣ ପ୍ରସାରଣ ହେବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆଗାମୀ ମନ୍ କି ବାତ୍ କାର୍ଯ୍ୟକ୍ରମ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ ମିଳିଛି । ଏହି ପ୍ରସ୍ତାବ ଗୁଡ଼ିକ ମଧ୍ୟରେ ସାମୁହିକ ପ୍ରୟାସ ସମେତ ସମାଜରେ ପରିବର୍ତ୍ତନ ଆଣିବା ଲାଗି ଯୁବଗୋଷ୍ଠୀ ଠାରୁ ମିଳିଥିବା ପ୍ରସ୍ତାବ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ନିଜର ପ୍ରସ୍ତାବ ମାଇଁ ଗଭ୍ ଓ ନମୋ ଆପ୍‌ରେ ପଠାଇବା ସହ ୧୮୦୦-୧୧୭-୮୦୦ ନମ୍ବରରେ ଭଏସ୍ ମେସେଜ୍ ରେକର୍ଡ କରାଇବା ପାଇଁ ଆହ୍ୱାନ ଦେଇଛନ୍ତି ।

# ଟ୍ରମ୍ପ-ସ୍ପିଚ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଏବଂ ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଗତ କିଛିଦିନ ତଳେ ପେନ୍‌ସିଲଭାନିଆରେ ଏକ

ର୍‍ୟାଲି ସମୟରେ ହତ୍ୟା ଉଦ୍ୟମର ଶିକାର ହୋଇଥିବାବେଳେ ଆମେରିକାର ନାଗରିକମାନଙ୍କ ସମର୍ଥନ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି ତାଙ୍କର ସଂକଳ୍ପ ଅତୁଟ ରହିଛି ଏବଂ ସେ ଆମେରିକାବାସୀଙ୍କୁ ସେମାନଙ୍କ ସେବା କରୁଥିବା ସରକାର ଗଠନ ପାଇଁ ପ୍ରତିବଦ୍ଧ ଅଟନ୍ତି । ଚଳିତବର୍ଷ ନଭେମ୍ବରରେ ଆମେରିକାର ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

---

## ରାଞ୍ଚି-ନିଟ୍ ପେପର ଲିକ୍

କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ ସି.ବି.ଆଇ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ରାଞ୍ଚିସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନସେସ୍‌ର ଜଣେ ଛାତ୍ରୀଙ୍କୁ ଗିରଫ କରିଛି । ସେହି ଅନୁଷ୍ଠାନର ୨୦୨୩ ବ୍ୟାଚ୍‌ର ଜଣେ ଛାତ୍ରୀ ସୁରଭୀ କୁମାରୀକୁ ପଚରାଉଚରା ପରେ ସିବିଆଇ ଗିରଫ କରିଛି । ଏଥିସହିତ ସଂପୃକ୍ତ ଛାତ୍ରଙ୍କ ମୋବାଇଲ, ଲାପ୍‌ଟପ୍ ଏବଂ ଅନ୍ୟ ଇଲେକ୍ଟ୍ରୋନିକ ଉପକରଣ ମଧ୍ୟ ଜବତ କରାଯାଇଛି । ଝାଡ଼ଖଣ୍ଡରେ ରାମଗଡ ଜିଲ୍ଲା ନିବାସୀ ସୁରଭୀ କୁମାରୀ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଅଭିଯୁକ୍ତମାନଙ୍କ ପାଇଁ ଉତ୍ତର ପ୍ରସ୍ତୁତ କରିଥିଲେ ।

---

## ଶ୍ରୀଜୀଉଙ୍କ ନୀଳାଦ୍ରିବିଜେ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଶ୍ରୀଜୀଉମାନଙ୍କର ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ । ରଥଯାତ୍ରାର ଶେଷ ଦିନରେ ଆଜି ତିନିଠାକୁର ରନ୍ ବେଦୀକୁ ବିଜେ କରିବେ । ଆସନ୍ତାକାଲିଠାରୁ ଭକ୍ତମାନେ ଶ୍ରୀମନ୍ଦିରରେ ନୀଳାଚଳ ଅବଡ଼ା ପାଇପାରିବେ । ନୀଳାଦ୍ରିବିଜେ ସମ୍ପର୍କରେ ଆସନ୍ତୁ ଶୁଣିବା ଆମ ପୁରୀ ସମ୍ବାଦଦାତା ମୌମିତ୍ର ହରିଚନ୍ଦନଙ୍କ ଠାରୁ...

**V/o-**

## ୱିମେନ୍ କ୍ରିକେଟ୍

ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆଜିଠାରୁ ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତା ଆରମ୍ଭ ହେବ । ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ରଣଗିରି ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ । ପ୍ରଥମ ମ୍ୟାଚ୍ ଗ୍ରୁପ୍-ଏର ୟୁ.ଏ.ଇ. ଏବଂ ନେପାଳ ମଧ୍ୟରେ ଅନୁଷ୍ଠିତ ହେବ । ଏହା ପରେ ଗ୍ରୁପ୍-ଏରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ନେପାଳ ଏବଂ ୟୁ.ଏ.ଇ. ଥିବା ବେଳେ ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ବଂଲାଦେଶ, ଥାଇଲାଣ୍ଡ ଏବଂ ମାଲେସିଆ ଅଛନ୍ତି । ପ୍ରତିଯୋଗିତାର ସେମିଫାଇନାଲ୍ ଆସନ୍ତା ୨୬ ତାରିଖରେ ଏବଂ ଫାଇନାଲ୍ ଜୁଲାଇ ୨୮ ତାରିଖରେ ଅନୁଷ୍ଠିତ ହେବ ।